

### ସରକାରୀ ଜମିକୁ ନେଇ ରାଜଧାନୀରେ ଗୋଷ୍ଠୀକନ୍ଦଳ

# ଦିନ ଦୁଇପ୍ରହରରେ ଗୋଡ଼ାଇ ଗୋଡ଼ାଇ ହାଣିଲେ

ଭୁବନେଶ୍ୱର, ୨୧।୬(ସମିସ)



**■ ଖଣ୍ଡାଚୋଟରେ ୩ ଗୁରୁତର; ଆକ୍ରମଣକାରୀ ଫେରାର୍**

ଭରତପୁର ଥାନା ଶ୍ୟାମପୁର ଅଞ୍ଚଳରେ ଏକ ସରକାରୀ ଜମି ବିବାଦକୁ ନେଇ ୩ ଜଣ ଯୁବକଙ୍କୁ ବିଚ୍ ରାସ୍ତାରେ ଗୋଡାଇ ଗୋଡାଇ ଆକ୍ରମଣ କରିଛନ୍ତି ଦୁର୍ବୃତ୍ତ। ଆକ୍ରମଣରେ ସେମାନଙ୍କ ପିଠି ପେଟ, ହାତରେ ଗଭୀର କ୍ଷତ ଲାଗିଛି। ସେମାନଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଆହତମାନେ ହେଲେ ବିଶୁ, ବାପି ଏବଂ ସଂଗ୍ରାମ। ଏନେଇ ଭରତପୁର ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଏହି ଆକ୍ରମଣରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି।

ସୂଚନା ଅନୁସାରେ, ବିଶୁ, ବାପି ଏବଂ ସଂଗ୍ରାମ ଶ୍ୟାମପୁର ଅଞ୍ଚଳରେ ଏକ ସରକାରୀ ଜାଗାକୁ କରାୟତ କରି ରଖିଥିଲେ। ଏହି ଜାଗା ଉପରେ ଅନ୍ୟ ଏକ ଗୋଷ୍ଠୀର ନଜର ରହିଥିଲା। ସେମାନେ ଉକ୍ତ ଜମିକୁ କରାୟତ କରିବାକୁ ଯୋଜନା କରିଥିଲେ। ଶନିବାର ଅପରାହ୍ନ ୨ଟାରେ ଅନ୍ୟ ଏକ ଗୋଷ୍ଠୀ ଜେସିବି ଆଣି ଉକ୍ତ ଜାଗାକୁ ସଫା କରୁଥିଲେ। ଜାଗା ସଫା କରୁଥିବା ଜାଣି ବିଶୁ, ବାପି ଏବଂ ସଂଗ୍ରାମ ଜାଗାମୁଣ୍ଡରେ ପହଞ୍ଚିଥିଲେ। ସେମାନେ ଏହାକୁ ବିରୋଧ କରିଥିଲେ। ହେଲେ ପୂର୍ବରୁ ଯୋଜନା କରିଥିବା ୨୦ରୁ ୩୦ଜଣ ଆକ୍ରମଣକାରୀ ଖଣ୍ଡାରେ ପୀଡିତମାନଙ୍କ ଉପରେ ସମନ୍ୱିତ ଆକ୍ରମଣ କରିଥିଲେ। ସେମାନେ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ୩ ଜଣଙ୍କୁ ଖଣ୍ଡାରେ ହାଣିଥିଲେ ଏବଂ ଲୁହା ଛଡ଼ରେ ପିଟିଥିଲେ। ଘଟଣା ପରେ ଭରତପୁର ପୁଲିସ ଘଟଣାସ୍ଥଳ ପରିଦର୍ଶନ କରି ଘଟଣାର ବିସ୍ତୃତ ତଦନ୍ତ ଆରମ୍ଭ କରିଛି। ସେମାନେ କହିଛନ୍ତି, ପୁଲିସର ନିଷ୍କ୍ରିୟତା ଯୋଗୁଁ ଗତ ୩ ରୁ ୪ ବର୍ଷ ଧରି ଭରତପୁର ଅଞ୍ଚଳରେ ଏହି ପ୍ରକାରର ଗୁଣ୍ଡାଗିରି କାର୍ଯ୍ୟକଳାପ ବାରମ୍ବାର ଘଟୁଛି। ମାତ୍ର କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଜମି ମାଫିଆମାନେ ଏକ ଗ୍ୟାଙ୍ଗ୍ ଗଠନ କରିଛନ୍ତି, ଏବଂ ପୂର୍ବ ଯୋଜନା ଅନୁଯାୟୀ ସେମାନେ ଆକ୍ରମଣ କରୁଛନ୍ତି ବୋଲି ଆହତ ବିଶୁ କହିଛନ୍ତି। କିଛି ଅସାମାଜିକ ବ୍ୟକ୍ତିଙ୍କ ସମର୍ଥିତ ହୋଇ ସେମାନେ ବାରମ୍ବାର ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଛନ୍ତି। ତଥାପି, ପୁଲିସ କେବଳ ନୀରବ ଦର୍ଶକ ପାଲଟିଥିବା କୁହାଯାଉଛି। ମିଳିଥିବା ସୂଚନା ଅନୁସାରେ, ସ୍ଥାନୀୟ ଅଞ୍ଚଳର କିଛି ଅପରାଧୀ ଶ୍ରେଣୀର ଯୁବକମାନେ ସରକାରୀ ଜାଗାକୁ ମାଡ଼ି ବସୁଛନ୍ତି। ପରେ ଉକ୍ତ ଜାଗାକୁ ଦେଢ ଲକ୍ଷ ଟଙ୍କା ନେଇ ଅନ୍ୟକୁ ବିକ୍ରି କରି ଦେଉଛନ୍ତି। ଯେଉଁମାନେ ସରକାରୀ ଜମିକୁ କରାୟତ କରିଛନ୍ତି। ସେମାନଙ୍କ ଠାରୁ ଏମାନେ ଧମକ ଦେଇ ଛଡ଼ାଇ ନେଉଛନ୍ତି। ଯିଏ ବିରୋଧ କରୁଛି ତାଙ୍କୁ ଏଭଳି ଗୋଡ଼ାଇ ହାଣୁଛନ୍ତି।

## ରକ୍ତପାତ ପଛରେ ଜମି ମାଫିଆ

ରାଜଧାନୀ ସହର ଯେତିକି ଯେତିକି ବଢ଼ି ଚାଲିଛି, ସେହି ଅନୁଯାୟୀ ମାଫିଆମାନଙ୍କ ଉତ୍ପାତ ଓ ଦୌରାତ୍ମ୍ୟ ମଧ୍ୟ ବଢ଼ିବାରେ ଲାଗିଛି। ବିଶେଷକରି ସରକାରୀ ଜମିକୁ ହଡ଼ପ କରିବାକୁ କିଛି ମାଫିଆ ଏବଂ ଅସାମାଜିକ ବ୍ୟକ୍ତି ରାଜଧାନୀ ଉପକଣ୍ଠବର୍ତ୍ତୀ ଅଞ୍ଚଳକୁ ମାଡି ବସିଛନ୍ତି। ରାସ୍ତାକଡ଼ର ମୂଲ୍ୟବାନ ଜମିକୁ ଅକ୍ତିଆର କରି ସେଗୁଡ଼ିକୁ ବାଡ଼ବନ୍ଦୀ କରି ରଖିଛନ୍ତି। ପରବର୍ତ୍ତୀ ସମୟରେ ସେଗୁଡ଼ିକ ବିନା ପଟ୍ଟାରେ ଏଗ୍ରିମେଣ୍ଟ କରି ବିକ୍ରି କରୁଛନ୍ତି। ସାମୂହିକ ଭାବେ କିଛି ଲୋକଙ୍କୁ ରଖିବା ପରେ ତାଙ୍କୁ ନେଇ ସଂଘ ଗଠନ କରୁଛନ୍ତି ଏବଂ ରାଜନେତାଙ୍କ ସହଯୋଗରେ ମାଡି ବସିଛନ୍ତି। ଦୀର୍ଘଦିନ ଧରି ରାଜଧାନୀ ଏବଂ ଏହାର ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ହଜାର ହଜାର ଏକର ଜମି ଏହିଭଳି ମାଫିଆଙ୍କ କବ୍‌ଜାକୁ ଯାଇଛି।

ତେବେ ଦିନକୁ ଦିନ ଜମିର ଦରଦାମ ବଢ଼ିବା ସହ ବଡ଼ବଡ଼ ମାଫିଆ ଗୋଷ୍ଠୀଙ୍କ ମଧ୍ୟରେ ଏହାକୁ କେନ୍ଦ୍ରକରି ବିବାଦର ସୂତ୍ରପାତ ହେଉଛି। ଜମିକୁ ନେଇ ଗଣ୍ଡଗୋଳ ଏବଂ ମାର୍‌ପିଟ୍ ପରେ ହଣାକଟା ହେଉଛି। ରାଜଧାନୀ ଏବଂ ଉପକଣ୍ଠରେ ଯେତିକି ଜମିଜମା ମାମଲା ହେଉଛି ତାର ଦୁଇ ତୃତୀୟାଂଶ କେବଳ ସରକାରୀ ଜମି ହଡ଼ପକୁ କେନ୍ଦ୍ରକରି ଘଟୁଛି। ଏଥିରେ କେବଳ ଉଭୟ ଗୋଷ୍ଠୀର ଲୋକେ ଆହତ ହେଉନାହାନ୍ତି ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଲୋକେ ମଧ୍ୟ କ୍ଷତିଗ୍ରସ୍ତ ହେଉଛନ୍ତି। ମାଫିଆମାନେ ସରକାରୀ କର୍ମଚାରୀ ଏବଂ ତହସିଲ କର୍ତ୍ତୃପକ୍ଷଙ୍କୁ ଧମକ୍ ଏବଂ ପ୍ରଲୋଭନ ଦେଖାଇ ବିଭିନ୍ନ ଉପାୟରେ ଜମିର କାଗଜପତ୍ର ମଧ୍ୟ କରି ନେଉଥିବା ଅଭିଯୋଗ ହେଉଛି। ତେବେ ରାଜଧାନୀ ଉପକଣ୍ଠରେ ଅଧିକାଂଶ ସରକାରୀ ଜମି ମାଫିଆମାନଙ୍କ ମାଧ୍ୟମରେ ବଡ଼ ବଡ଼ ପ୍ରତିଷ୍ଠାନମାନ ମଧ୍ୟ ଅକ୍ତିଆର କରୁଛନ୍ତି। ସେମାନେ ପ୍ରାଥମିକ ପର୍ଯ୍ୟାୟରେ ଗୁଣ୍ଡା ଏବଂ ମାଫିଆଙ୍କୁ ସହଯୋଗ କରି ଜମିରୁ ଜବରଦଖଲ ହଟାଇବା ପରେ ତାକୁ ନିଜେ କରାୟତକୁ ନେଉଛନ୍ତି। ବିଗତ ଦିନରେ ଶ୍ୟାମପୁର ପଣ୍ଡାକୁଦିଆ ନିକଟରେ ଏକର ଏକର ଜମିରୁ ଜଙ୍ଗଲ କାଟି ରାଜଧାନୀର ବସ୍ତିବାସିନ୍ଦା ମାନେ ମାଡ଼ି ବସିଥିବା ବେଳେ ଏ ନେଇ ଅଦାଲତରେ ମାମଲା ରୁଜୁ ହୋଇଥିଲା ଏବଂ ଅନେକଙ୍କୁ ଉଚ୍ଛେଦ ମଧ୍ୟ କରାଯାଇଥିଲା। ଏସବୁ ପରେ ଏବେ ବି ଅନେକ ସରକାର ଜମି ଏବେ ମାଫିଆଙ୍କ କବ୍‌ଜାରେ ରହିଛି। ଯେଉଁଥିପାଇଁ ଗଣ୍ଡଗୋଳ ଏବଂ ବିବାଦ ଥମିବାର ନାଁ ଗନ୍ଧ ଧରୁନି କି ରକ୍ତପାତ କମୁନାହିଁ।

## ବିଏମ୍‌ସିରେ ଖୋଲିବ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍

ଭୁବନେଶ୍ୱର, ୨୧।୬(ସମିସ): ଡେଙ୍ଗୁ ଏବଂ ହଇଜା ନିରାକରଣ ଏବଂ ସଚେତନତା ପାଇଁ ବିଏମ୍‌ସି ପରିସରରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏମ୍‌ସି ସହ ୱାଟ୍‌କୋ ଏବଂ ଅନ୍ୟାନ୍ୟ ଲାଇନ୍ ଡିପାର୍ଟମେଣ୍ଟର ସଦସ୍ୟମାନେ ଉପସ୍ଥିତ ଥିଲେ। ତେବେ ସହରର ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ ସଂକ୍ରମଣ ରୋକିବାକୁ ବିଏମ୍‌ସି ପରିସରରେ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ଖୋଲିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସାଧାରଣ ଲୋକେ ସଂକ୍ରମିତ ରୋଗ ସମ୍ପର୍କରେ ବିଏମ୍‌ସିକୁ ସୂଚନା ଦେଇପାରିବେ। କମିସନରଙ୍କ ନିର୍ଦ୍ଦେଶକ୍ରମେ ଏହି କଣ୍ଟ୍ରୋଲ ରୁମ୍ ଖୋଲିବାକୁ ଯାଉଛି। ଆସନ୍ତା ସୋମବାର ଠାରୁ ଏହି କଣ୍ଟ୍ରୋଲ ରୁମ୍ କାର୍ଯ୍ୟକାରୀ କରିବ। ଡିସି ସ୍ୱାସ୍ଥ୍ୟ ଏହାର କୋର୍ଡିନେଟିଂ ଅଧିକାରୀ ଭାବେ ନିଯୁକ୍ତ ପାଇବେ।

ଏଥିରେ ସହରାଞ୍ଚଳ ପ୍ରଶାସନ ସହ ଜଡ଼ିତ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ୍ ଅଂଶଗ୍ରହଣ କରିବେ। ପରିମଳ ବିଭାଗ ଠାରୁ ଆରମ୍ଭ କରି ୱାଟକୋ, ପିଏଚ୍‌ଡି, ଡ୍ରେନେଜ୍, ବିଦ୍ୟୁତ ବିଭାଗ ସମେତ ୧୫ରୁ ଊର୍ଦ୍ଧ୍ୱ ବିଭାଗର ଅଧିକାରୀମାନେ ଏହି କଣ୍ଟ୍ରୋଲ୍ ରୁମ୍‌ରେ ନିୟୋଜିତ ହେବେ। ବିଭାଗ ଗୁଡ଼ିକର ବରିଷ୍ଠ ଅଧିକାରୀମାନେ ଏହାକୁ ତଦାରଖ କରିବାକୁ କମିଶନର ରାଜେଶ ପ୍ରଭାକର ପାଟିଲ ନିର୍ଦ୍ଦେଶ ଦେଇଛନ୍ତି।

ରାଜଧାନୀରେ ଯେଉଁ ଅଞ୍ଚଳରୁ ସଂକ୍ରମଣ ଖବର ମିଳିବ ପ୍ରଥମେ ଏହି କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ନିଷ୍ପତ୍ତି ନିଆଯିବ। ରାଜଧାନୀରେ ପ୍ରଥମେ ଡେଙ୍ଗୁ ବ୍ୟାପିଲା। ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୩୫ରୁ ଊର୍ଦ୍ଧ୍ୱ ଥିଲା ବେଳେ ରାଜଧାନୀରେ ଝାଡ଼ାବାନ୍ତି ବ୍ୟାପିଗଲା। କଳିଙ୍ଗ ବିହାର ସ୍ଥିତ ଟ୍ରାଇଡେଣ୍ଟ ଗ୍ୟାଲେକ୍ସି ଆପାର୍ଟମେଣ୍ଟରେ ଝାଡାବାନ୍ତି ଆତଙ୍କ ଖେଳିଲା। ୩ ଦିନ ମଧ୍ୟରେ ପ୍ରାୟ ୧୬୦ରୁ ଊର୍ଦ୍ଧ୍ୱ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଲେ। ଏହାସହ ରାଜଧାନୀରେ ଆଉ ୩ଟି ସ୍ଥାନରେ ସ୍ଥିତି ଗମ୍ଭୀର ହୋଇଗଲା। ଏଠାରେ ମଧ୍ୟ ୩୦ରୁ ୪୦ ଲେଖାଏ ରୋଗୀ ଚିହ୍ନଟ ହେଲେ। ବଡ଼ଗଡ଼ରେ ୫ଜଣଙ୍କୁ ଜଣ୍ଡିସ୍ ହୋଇଥିଲା ବେଳେ ଏବେ କରୁଣା ବସ୍ତି ଏବଂ କଳିଙ୍ଗ ବସ୍ତିକୁ ଜଣ୍ଡିସ୍ ଆକ୍ରନ୍ତ କରିଥିବା ଅନୁମାନ କରାଯାଉଛି। ଏହି ରୋଗୀଙ୍କ ସଂଖ୍ୟା ମଧ୍ୟ ଦ୍ରୁତଗତିରେ ବଢ଼ିବାରେ ଲାଗିଛି।

## ଚାରି ଜଣଙ୍କୁ ଗାନ୍ଧର୍ବ କଳା ସମ୍ମାନ



ଭୁବନେଶ୍ୱର, ୨୧।୬(ସମିସ): ସାଂସ୍କୃତିକ ପ୍ରତିଷ୍ଠାନ 'ଗାନ୍ଧର୍ବ କଳା ପରିଷଦ' ପକ୍ଷରୁ 'ଦିବାକର ମିଶ୍ର ଗାନ୍ଧର୍ବ କଳା ମହୋତ୍ସବ ୨୦୨୫'ର ସୁବର୍ଣ୍ଣ ଜୟନ୍ତୀ ସମାରୋହ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସହ ସଂସ୍ଥାପିକା ବାସନ୍ତୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଦୁଇଦିନିଆ କଳା ମହୋତ୍ସବକୁ ଓଡ଼ିଶୀ ସଙ୍ଗୀତଜ୍ଞ ପଣ୍ଡିତ ଗୋପାଳ ଚନ୍ଦ୍ର ପଣ୍ଡା ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶୀ ନୃତ୍ୟ ଗୁରୁ କୁମ୍‌କୁମ୍ ମହାନ୍ତି ଓ ସମ୍ମାନିତ ଅତିଥି ବିଶିଷ୍ଟ ଚଳଚ୍ଚିତ୍ର ଗୀତିକାର ଗୌର ପଟ୍ଟନାୟକ, ପ୍ରତିଷ୍ଠାନର ସାଧାରଣ ସଚିବ ଗାୟତ୍ରୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରସିଦ୍ଧ ବୟନ ଶିଳ୍ପୀ ଚତୁର୍ଭୁଜ ମେହେର, କବି ସୌଭାଗ୍ୟ କୁମାର ମିଶ୍ର, ଓଡ଼ିଶୀ ନୃତ୍ୟ ଗୁରୁ ଦୁର୍ଗା ଚରଣ ରଣବୀର, ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କୁ 'ଡ ଦିବାକର ମିଶ୍ର ଗାନ୍ଧର୍ବ କଳା ଆଜୀବନ ସାଧନା ସମ୍ମାନ ୨୦୨୫' ପ୍ରଦାନ କରାଯାଇଥିଲା। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ। ତପନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମହୋତ୍ସବ ନିର୍ଦ୍ଦେଶକ ତଥା ଚିତ୍ରଶିଳ୍ପୀ ସଞ୍ଜୟ ଭଟ୍ଟ ଧନ୍ୟବାଦ ଦେଇଥିଲେ।

### ଜେଲ୍ ୱାର୍ଡରଙ୍କୁ ନାଇଜେରୀୟ ମାଡ଼ମାରିବା ଘଟଣା

# ତଦନ୍ତ ରିପୋର୍ଟ ଦେବାକୁ ଜେଲ୍ ଡିଜିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୧।୬(ସମିସ): ଶୁକ୍ରବାର ସନ୍ଧ୍ୟାରେ ଜେଲ ୱାର୍ଡର ଭଗବାନ ରେଡ୍ଡୀଙ୍କୁ ଜଣେ ନାଇଜେରିୟାନ୍ ଠକ ମାଡ଼ ମାରି ହାତ ଭାଙ୍ଗିବା ଘଟଣାରେ ଖୋଳତାଡ଼ ଆରମ୍ଭ ହୋଇଛି। ଜେଲ ଡିଜି ଏହି ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଜେଲ ସୁପରିନ୍‌ଟେଣ୍ଡଙ୍କୁ କହିଛନ୍ତି। କିଭଳି ଏବଂ କାହିଁକି ଏଭଳି ଘଟଣା ଘଟିଲା ତାହାର ତଦନ୍ତ କରି ରିପୋର୍ଟ ଦେବାକୁ ଜେଲ ଡିଜି କହିଛନ୍ତି। ଏହି ଆକ୍ରମଣ ପରେ ନାଇଜେରିୟ ଠକ ଖୀଷ୍ଟଫର ଚିଜୋବାମ ଏବଂ ତାର ଅନ୍ୟ ଜଣେ ସହଯୋଗୀଙ୍କୁ ଅନ୍ୟ ଏକ ୱାର୍ଡକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ଜେଲ କର୍ତ୍ତୃପକ୍ଷ ଏକ ଭିନ୍ନ ସଫେଇ ଦେଇଛନ୍ତି। ନାଇଜେରିୟ ଭାଷା ବୁଝି ନ ପାରିବାରୁ ଏଭଳି ଘଟଣା ଘଟିଛି ବୋଲି କର୍ତ୍ତୃପକ୍ଷ କହିଛି। ଆକ୍ରମଣ କରିଥିବା ନାଇଜେରିୟାନ୍ ଠକ ଖୀଷ୍ଟଫର ତାଙ୍କ ଭାଷାରେ କିଛଇ ଅନ୍ୟ ଅଲଗା କଥା କହିଥିବା ବେଳେ ୱାର୍ଡର କିଛି ବୁଝି ପାରି ନ ଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଏଭଳି ଘଟଣା ଘଟିଥିଲା ବୋଲି କହିଛନ୍ତି।

**■ ଭାଷା ବୁଝି ନ ପାରିବାରୁ ହୋଇଥିଲା ଗଣ୍ଡଗୋଳ**



ସୂଚନା ଅନୁସାରେ, ଦୁଇ ଜଣ ନାଇଜେରିଆନ୍ କଏଦୀ ଖୀଷ୍ଟଫର ଏବଂ ନମ୍ମାଡ଼ି ଷ୍ଟାନଲି ମବାମାଲୁ ସାଇବର ଠକେଇ ମାମଲାରେ ଦିଲ୍ଲୀରୁ ଗିରଫ କରିଥିଲା କ୍ରାଇମ୍‌ବ୍ରାଞ୍ଚ। ୨୦୨୪ ଜୁଲାଇ ୧୨ରେ ଗିରଫ ହୋଇ ଝାରପଡ଼ା ଜେଲରେ ଅଛନ୍ତି। ସେମାନେ ଜେଲରେ ରହିବା ପରେ ନିଜର ଦବ୍‌ଦବା ଦେଖାଉଛନ୍ତି। ଜଣେ କଏଦୀଙ୍କୁ ଗୋଟିଏ ଅଣ୍ଡା ଦିଆଯାଉଥିବା ବେଳେ ଦୁଇ ଜଣ ଜବରଦସ୍ତି ୧୦ଟି ଲେଖାଏ ଖାଉଛନ୍ତି। ଆହୁରି ମଧ୍ୟ ସମସ୍ତେ ୫ ମିନିଟ୍ ଫୋନ୍‌ରେ କଥା ହେଉଥିବା ସେ ଜବରଦସ୍ତି ୧୦ ମିନିଟ୍ ଫୋନ୍‌ରେ କଥା ହେବା କହୁଛନ୍ତି। ସୁକ୍ରଦିନ ପରି ଆଜି ୧୦ ମିନିଟ୍‌ରୁ ଅଧିକ ସମୟ କଥା ହେବାକୁ ବାଧ କରିଥିଲା। ହେଲେ ଜେଲ ୱାର୍ଡର ଭଗବାନ ରେଡ୍ଡୀ ମନା କରିବାରୁ ତାଙ୍କୁ ନାଇଜେରିଆନ୍ ଭାଷାରେ ଗାଳିଗୁଲଜ କଲେ। ପରେ ତାଙ୍କୁ ମାଡ଼ ମାରି ତାଙ୍କ ହାତ ଭାଙ୍ଗି ଦେଇଥିଲେ। ୱାର୍ଡର ତୁରନ୍ତ ଚିତ୍କାର କରିବାରୁ ଅନ୍ୟମାନେ ଦୌଡ଼ି ଆସି ତାଙ୍କୁ ଅଟକାଇଥିଲେ। ହେଲେ ସ୍ତେ ନଶୁଣି ସମସ୍ତଙ୍କୁ ଆକ୍ରମଣ କରିଥିଲା। ଏହାପରେ ୱାର୍ଡର ଆଲାର୍ମ ବଜାଇବାକୁ ଯାଇଥିଲେ ଜେଲ କର୍ତ୍ତୃପକ୍ଷ ବଦନାମ ଭୟରେ ବଜାଇ ନ ଥିଲେ। ରାଜଧାନୀର ଜଣେ ବ୍ୟକ୍ତିଙ୍କୁ ନାଲି ରଙ୍ଗର କେସର ବିକ୍ରି କରିବା ଆଳରେ ୨.୫୬ କୋଟି ଟଙ୍କା ଠକେଇ କରି ନେଇଥିଲେ। ଏନେଇ କ୍ରାଇମ୍‌ବ୍ରାଞ୍ଚରେ ଅଭିଯୋଗ ହେବା ପରେ ଦିଲ୍ଲୀରୁ ଦୁଇ ଜଣ ନାଇଜେରିଆନ୍ ଠକଙ୍କୁ ଗିରଫ କରିଥିଲେ। ସେମାନେ ପାଠ ପଢ଼ିବା ଆଳରେ ଦିଲ୍ଲୀ ଆସି ଏଠାରେ ସାଇବର ଠକେଇ କରିଥିଲେ। ସାରା ଦେଶରେ ସେମାନଙ୍କ ନାମରେ ୧୦୦ରୁ ଅଧିକ ମାମଲା ରହିଛି।

## ଦୁଇ ଗିରଫ; ୫ ବାଇକ୍ ଜବତ

ଭୁବନେଶ୍ୱର, ୨୧।୬(ସମିସ): ବାଇକ୍ ଚୋରି ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୁଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଗୁଡ଼ିଆ ପୋଖରୀ ନିକଟରେ ରହୁଥିବା ଦୀପୁ ଓରଫ ନାନିଆ ଓରଫ ତ୍ରିଲୋଚନ ସାମନ୍ତରାୟ ଏବଂ ମାଲୋ ଓରଫ ଚିରଞ୍ଜୀବ ସେଠୀ। ସେମାନଙ୍କ ନିକଟରୁ ୫ଟି ବାଇକ୍ ଜବତ କରାଯାଇଛି। ଅଭିଯୋଗକାରୀ ଅନିଲ କୁମାର ସ୍ୱାଇଁଙ୍କ ଲିଖିତ ରିପୋର୍ଟ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା।

ସୂଚନାଯୋଗ୍ୟ ଯେ, ଗତ ମାସ ୨୯ତାରିଖ ଦିନ ପ୍ରାୟ ୨.୧୫ ସମୟରେ ଅଭିଯୁକ୍ତ ଦିପୁ ସୁଯୋଗ ଦେଖି ଅଭିଯୋଗକାରୀଙ୍କ ଘରୁ ତାଙ୍କର ଏକ ଏକ ହୋଣ୍ଡା ଆକ୍ଟିଭା ସ୍କୁଟି ଚୋରି କରି ନେଇଯାଇଥିଲେ। ସିସିଟିଭି ଫୁଟେଜରୁ ଅଭିଯୁକ୍ତ ଦିପୁର ସମ୍ପୃକ୍ତି ଜଣାପଡ଼ିଲା ଏବଂ ସେ ଏକ ମାଷ୍ଟର ଚାବି ବ୍ୟବହାର କରି ସ୍କୁଟିକୁ ଚୋରି କରିଥିଲେ। ଏକ ପୁଲିସ ଟିମ କେନ୍ଦ୍ରାପଡ଼ାର ରାଜନଗର ଯାଇ ଆଇଆଇସି ରାଜନଗରଙ୍କ ସହାୟତାରେ ଅଭିଯୁକ୍ତକୁ ଗିରଫ କରିଥିଲା। ପଚରାଉଚରା ପରେ, ଅଭିଯୁକ୍ତ ଦୀପୁ ଅପରାଧ ସ୍ୱୀକାର କରିଥିଲା। ସେ ଭୁବନେଶ୍ୱରରେ ଅନେକ ମୋଟରସାଇକେଲ ଚୋରି କରି ତା'ର ସହଯୋଗୀ ମାଲୋ ଓରଫ ଚିରଞ୍ଜୀବ ଙ୍କୁ ବିକ୍ରି କରିଥିବା ପ୍ରକାଶ କରିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଯାଞ୍ଚ ସମୟରେ ଅଭିଯୁକ୍ତ ତ୍ରିଲୋଚନ ସାମନ୍ତରାୟ ପୂର୍ବରୁ ଚୌଦ୍ୱାର, ଚନ୍ଦ୍ରଶେଖରପୁର, ରାଜନଗର, ଚାନ୍ଦବାଲି, ପଟ୍ଟାମୁଣ୍ଡାଇ ଏବଂ ମଞ୍ଚେଶ୍ୱର ଥାନା ମାନଙ୍କରେ ୧୨ଟି ଅପରାଧିକ ମାମଲାରେ ଜଡିତ ଅଛନ୍ତି। ସେହିପରି ଅଭିଯୁକ୍ତ ଚିରଞ୍ଜୀବ ପୂର୍ବରୁ ମଞ୍ଚେଶ୍ୱର ଏବଂ ଚନ୍ଦ୍ରଶେଖରପୁର ଥାନା ରେ ୩ଟି ମାମଲାରେ ଜଡିତ ଅଛି।




### ସରିଲା ବିଏମ୍‌ସି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ନିର୍ବାଚନ

# ଦୁଇ ନୂଆମୁହଁ; ଆଉସବୁ ପୁରୁଣା

ଭୁବନେଶ୍ୱର, ୨୧।୬(ସମିସ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପରିସରରେ ଶନିବାର ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷଙ୍କ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଯେଉଁମାନେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଭାବେ କାମ କରୁଥିବା ସେମାନଙ୍କ ପଦବୀ ବଳବତ୍ତର ରହିଥିଲା ବେଳେ ଚଳିତବର୍ଷ ଦୁଇଟି ନୂଆ ମୁହଁ ଦେଖିବାକୁ ମିଳିଛି। ଏଜୁକେସନ, ରିକ୍ରେସନ ଆଣ୍ଡ କଲଚର ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଭାବେ କର୍ପୋରେଟର ରାମଚନ୍ଦ୍ର ରଣସିଂହ ନିର୍ବାଚନ ଜିତିଥିଲା ବେଳେ କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଅଧ୍ୟକ୍ଷ ଭାବେ କର୍ପୋରେଟର ଦୀପକ ମିଶ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ପୂର୍ବରୁ ଅଧ୍ୟକ୍ଷ ଥିବା ମିହିର ରାଉତ ଏବଂ କୁମରେନ୍ଦ୍ର ମହାପାତ୍ର ନାମାଙ୍କନ ପତ୍ର ଦାଖଲ କରି ନଥିବାରୁ ସେମାନେ ବାଦ୍ ପଡ଼ିଥିଲେ।

**ମିହିରଙ୍କ ସ୍ଥାନରେ ରାମଚନ୍ଦ୍ର, କୁମାରେନ୍ଦ୍ର ବଦଳରେ ଦୀପକ**

ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଓ ଅଧ୍ୟକ୍ଷା ପଦ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସେଗୁଡିକ ଯାଞ୍ଚ ପରେ କାଏମ ରହିଥିବା ପ୍ରାର୍ଥୀଙ୍କ ନାମ ମେୟର ଘୋଷଣା କରିଥିଲେ। ଟାକ୍ସେସନ, ଫାଇନାନ୍ସ ଆଣ୍ଡ୍ ଆକାଉଣ୍ଟସ୍ ଷ୍ଟାଣ୍ଡିଂ କମିଟିରେ ରାଜ କିଶୋର ଦାସଙ୍କୁ ଅଧ୍ୟକ୍ଷ ଭାବେ ଘୋଷଣା କରାଯାଇଥିଲା। ପବ୍ଲିକ ହେଲଥ, ଇଲେକ୍ଟ୍ରିସିଟି, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ ଏନଭାଇରନମେଣ୍ଟରେ ବିରଞ୍ଚି ନାରାୟଣ ମହାସୂପକାର, ପବ୍ଲିକ ୱାର୍କସ୍‌ରେ ଶ୍ରୀଧର ବେହେରା, ପ୍ଲାନିଂ ଆଣ୍ଡ ଡେଭଲପମେଣ୍ଟରେ ଶ୍ରୀଧର ଜେନା, ଲାଇସେନ୍ସ ଆଣ୍ଡ ଅପିଲ୍ସରେ ପ୍ରେମାନନ୍ଦ ଜେନା କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟରେ ଦୀପକ ମିଶ୍ର, ଗ୍ରୀଭାନସେସ୍ ଆଣ୍ଡ ସୋସିଆଲ ଜଷ୍ଟିସ୍‌ର ବିନୟିନୀ ଜେନା, ସ୍ଲମ ସେଟଲମେଣ୍ଟ ଆଡିସନାଲ ଷ୍ଟାଣ୍ଡିଂ କମିଟିରେ ମହାମାୟା ସ୍ୱାଇଁ ଏବଂ ଏଜୁକେସନ, ରିକ୍ରେସନ ଆଣ୍ଡ କଲଚର ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପଦ ପାଇଁ ରାମଚନ୍ଦ୍ର ରଣସିଂହ ଓ ସୁଶ୍ରୀ ମୋନାଲିସା ବେହେରା ଦୁଇ ଜଣ ପ୍ରତିଦ୍ୱନ୍ଦ୍ୱୀ ଥିଲେ। ଏଥିପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଅନ୍ୟ ସମସ୍ତ ପଦବୀରେ କୌଣସି ପ୍ରତିଦ୍ୱନ୍ଦ୍ୱୀ ନଥିବାରୁ ସେମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।




ଏଜୁକେସନ, ରିକ୍ରେସନ ଆଣ୍ଡ କଲଚର ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପଦ ପାଇଁ ନିର୍ଦ୍ଧାରିତ ସମୟରେ ମତଦାନ ଅନୁଷ୍ଠିତ ହୋଇଥିଲା। ଏଜୁକେସନ, ରିକ୍ରେସନ ଆଣ୍ଡ କଲଚର ଷ୍ଟାଣ୍ଡିଂ କମିଟିର ୭ଜଣ ସଦସ୍ୟ ସଦସ୍ୟା ମତଦାନ କରିଥିଲେ। ଗଣତି ପରେ ମେୟର ରାମଚନ୍ଦ୍ର ରଣସିଂହଙ୍କୁ ବିଜୟୀ ବୋଲି ଘୋଷଣା କରିଥିଲେ। ୭ଭୋଟରୁ ସୁଶ୍ରୀ ମୋନାଲିସା ବେହେରାଙ୍କ ସପକ୍ଷରେ ୩ଟି ଭୋଟ ଯାଇଥିବା ବେଳେ ରାମଚନ୍ଦ୍ର ରଣସିଂହଙ୍କ ସପକ୍ଷରେ ୪ଟି ଭୋଟ ପଡ଼ିଥିଲା। କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଅଧ୍ୟକ୍ଷ ଭାବେ ପୂର୍ବରୁ କୁମାରେନ୍ଦ୍ର ମହାପାତ୍ର ଥିବା ବେଳେ ଏଥର ତାଙ୍କ ସ୍ଥାନରେ ଦୀପକ ମିଶ୍ର ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏଣୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ବିଏମ୍‌ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ଏହି ନିର୍ବାଚନରେ ମେୟର ସୁଲୋଚନା ଦାସ ପ୍ରିଜାଡିଂ ଅଫିସର ଭାବେ କାର୍ଯ୍ୟ କରିଥିଲେ।

